# ଧର୍ମପରାୟଣା ମହିଳାଙ୍କ ପରଲୋକ

**କଟକ,୧୧।୭/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୨ନମ୍ବର ୱାର୍ଡସ୍ଥିତ ରାଜେନ୍ଦ୍ର ନଗର ଅଞ୍ଚଳର ସମାଜସେବୀ ନରହରି ସ୍ବାଇଁଙ୍କ ଧର୍ମପତ୍ନୀଙ୍କ ଶେଫାଳୀ ସ୍ବାଇଁଙ୍କ ୭୭ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଯୋଗୁଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ବାମୀ ଓ ପୁତ୍ର ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ପୂର୍ବତନ କର୍ପୋରେଟର ସୌଦାମିନୀ ଜେନା ଏବଂ ସାହିର ମୁରବିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଏକ ପଟୁଆରରେ ବାହାର କରି ସମଗ୍ର ଅଞ୍ଚଳ ପରିଭ୍ରମଣ କରିବା ସହିତ ଖାନ୍‌ନଗର ଶ୍ମଶାନ ଘାଟରେ ଶବଦାହ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅକ୍ଷୟ କେତନ ଚୌଧୁରୀ ମୁଖାଗ୍ନି ଦେଇଥିଲେ ।

ନିତିଦିନ NITIDIN Thu, Jul 12, 2018
http://odishanewsnitidin.com